# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 08 November – 2025

**********************************

## ମୁଖ୍ୟ ସମ୍ବାଦ

- ସମସ୍ତଙ୍କ ନିକଟରେ ନ୍ୟାୟ ପହଞ୍ଚି ପାରିଲେ ସାମାଜିକ ନ୍ୟାୟକୁ ସୁନିଶ୍ଚିତ କରାଯାଇପାରିବ; କହିଲେ ପ୍ରଧାନମନ୍ତ୍ରୀ
- ସୁଗମ୍ୟ ଭାରତ ଅଭିଯାନରେ ଦିବ୍ୟାଙ୍ଗମାନଙ୍କୁ ସରକାରୀ ଚାକିରୀ ଓ ଶିକ୍ଷା କ୍ଷେତ୍ରରେ ଗୁରୁତ୍ୱ ଦେଉଛନ୍ତି କେନ୍ଦ୍ର ସରକାର
- ଭାରତୀୟ ରୋଡ୍ କଂଗ୍ରେସର ଦ୍ୱିତୀୟ ଦିବସରେ ସଡ଼କ ନିର୍ମାଣ, ସୁରକ୍ଷା, ସ୍ଥାୟିତ୍ୱ ଓ ଢାଞ୍ଚାଗତ ଗୁଣବତ୍ତା ଉପରେ ଆଲୋଚନା

ଏବଂ

- ନୂଆପଡ଼ା ବିଧାନସଭା ଉପନିର୍ବାଚନର ଆସନ୍ତାକାଲି ପ୍ରଚାରର ଶେଷ ଦିନ

# ପିଏମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସନ୍ଧ୍ୟାରେ ନୂଆଦିଲ୍ଲୀ ଠାରେ ସୁପ୍ରିମ୍‌କୋର୍ଟରେ ଆଇନ୍ ସହାୟତା ବିତରଣ ତନ୍ତ୍ର ସଶକ୍ତିକରଣ ଶୀର୍ଷକ ଜାତୀୟ ସମ୍ମିଳନୀର ଉଦ୍‌ଘାଟନ କରିଛନ୍ତି । ଶ୍ରୀ ମୋଦୀ ଜାତୀୟ ଆଇନ୍ ସେବା ପ୍ରାଧିକରଣ ଏନ୍.ଏ.ଏଲ୍.ଏସ୍.ଏ. ଦ୍ୱାରା ପ୍ରସ୍ତୁତ ମଧ୍ୟସ୍ଥତା ପ୍ରଶିକ୍ଷଣ ମଡ୍ୟୁଲ୍‌ର ମଧ୍ୟ ଶୁଭାରମ୍ଭ କରିଛନ୍ତି । ସାମାଜିକ କିମ୍ବା ଆର୍ଥିକ ପଛୁଆବର୍ଗ ନିର୍ବିଶେଷରେ ସମସ୍ତ ନିକଟରେ ନ୍ୟାୟ ପହଞ୍ଚି ପାରିଲେ ସାମାଜିକ ନ୍ୟାୟକୁ ସୁନିଶ୍ଚିତ କରାଯାଇପାରିବ ବୋଲି ପ୍ରଧାନମନ୍ତ୍ରୀ ଏହି ଅବସରରେ କହିଛନ୍ତି ।

ପ୍ରଧାନମନ୍ତ୍ରୀ' ସମସ୍ତ ଆଇନ୍‌ଗତ ନଥିପତ୍ରକୁ ସ୍ଥାନୀୟ ଭାଷାରେ ଉପଲବ୍ଧ କରିବା ଲାଗି ଗୁରୁତ୍ୱ ପ୍ରଦାନ କରିଛନ୍ତି । ଗତ କିଛି ବର୍ଷ ମଧ୍ୟରେ ନ୍ୟାୟ ପ୍ରକ୍ରିୟାକୁ ସହଜ ଏବଂ ସରଳୀକରଣ କରିବା ଲାଗି ସରକାର ପଦକ୍ଷେପ ନେଇଥିବା ସେ କହିଛନ୍ତି । ସରକାର ସର୍ବଦା ଆଇନ୍ ସଚେତନତାକୁ ପ୍ରୋତ୍ସାହିତ କରିବା  ପାଇଁ ପ୍ରାଥମିକତା ଦେଇଥାନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି । ସମସ୍ତଙ୍କ ପାଇଁ ନ୍ୟାୟ ପ୍ରଦାନ ଯେପରି ସହଜରେ ଉପଲବ୍ଧ ହୋଇପାରିବ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

# ଭାରତୀୟ ରୋଡ୍ କଂଗ୍ରେସ ଷଷ୍ଠ ଅଧିବେଶନ

ଭାରତୀୟ ରୋଡ୍ କଂଗ୍ରେସ ବାର୍ଷିକ ସମ୍ମିଳନୀର ଦ୍ୱିତୀୟ ଦିବସ ଷଷ୍ଠ ଅଧିବେଶନରେ ସଡ଼କ ଇଞ୍ଜିନିୟରିଂ କ୍ଷେତ୍ରରେ ଆଧୁନିକ ଜ୍ଞାନକୌଶଳ ସମ୍ପର୍କିତ ବିଭିନ୍ନ ସମସ୍ୟା ସମାଧାନ ସମ୍ପର୍କରେ ଆଲୋଚନା କରାଯାଇଛି। ସଡ଼କ ଡିଜାଇନ, ନିର୍ମାଣ, ରକ୍ଷଣାବେକ୍ଷଣ ଅଭ୍ୟାସକୁ ଉନ୍ନତ କରିବା ପାଇଁ ଅଧିବେଶନରେ ବିଶେଷଜ୍ଞ ଓ ଗବେଷକମାନେ ମତବିନିମୟ କରିଛନ୍ତି। ଆଇ.ଆଇ.ଟି ରୁର୍କୀ, ପି.ଏମ୍.ଜି.ଏସ୍.ୱାଇ ଜମ୍ମୁ ଏବଂ ଅନ୍ୟାନ୍ୟ ପ୍ରମୁଖ ସଂଗଠନ ମାନଙ୍କ ପକ୍ଷରୁ ସଡ଼କର ସ୍ଥାୟିତ୍ୱ ବୃଦ୍ଧି ପାଇଁ ବିଟୁମିନସ ମିଶ୍ରଣ ଏବଂ ଫୁଥ୍‌ପାଥ୍ ମୂଲ୍ୟାଙ୍କନରେ ମେସିନ ଲର୍ଣ୍ଣିଂ ଦ୍ୱାରା ହୋଇଥିବା ନୂତନ ପ୍ରୟୋଗ ଉପରେ ଅଧିବେଶନରେ ଗୁରୁତ୍ୱରୋପ କରାଯାଇଥିଲା। ସପ୍ତମ ବୈଷୟିକ ଅଧିବେଶନରେ ରାସ୍ତା ସୁରକ୍ଷା, ସ୍ଥାୟିତ୍ୱ ଓ ଢାଞ୍ଚା ଗୁଣବତ୍ତା ବୃଦ୍ଧି ପାଇଁ ପ୍ରୟୋଗାଧିକ ଗବେଷଣାର ଗୁରୁତ୍ୱ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଅଙ୍ଗାରକାମ୍ଳ ହ୍ରାସ ଏବଂ ପୁନଃଚକ୍ରିକୃତ ସାମଗ୍ରୀ ଦ୍ୱାରା ସ୍ଥାୟୀ ରାସ୍ତା ନିର୍ମାଣ କରିବା ଉପରେ ଅଧିବେଶନରେ ଗୁରୁତ୍ୱ ଦିଆଯାଇଥିଲା।

PIB

# ସାମ୍ବାଦିକ ସମ୍ମିଳନୀ– କେନ୍ଦ୍ରମନ୍ତ୍ରୀ

ଦେଶରେ ନିର୍ବାଚନ ଆୟୋଗ ସମ୍ପୂର୍ଣ୍ଣ ସ୍ୱାଧୀନ ଏବଂ ନିରପେକ୍ଷ ଭାବେ କାର୍ଯ୍ୟ କରୁଛନ୍ତି ବୋଲି କେନ୍ଦ୍ର ସାମାଜିକ, ନ୍ୟାୟ ଓ ସଶକ୍ତୀକରଣ ରାଷ୍ଟ୍ରମନ୍ତ୍ରୀ ରାମଦାସ ଅଠାୱାଲେ କହିଛନ୍ତି। ଭୁବନେଶ୍ୱରଠାରେ ଏକ

ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ଶ୍ରୀ ଅଠାଓ୍ୱାଲେ କହିଛନ୍ତି, ଏନ୍.ଡି.ଏ ସରକାରଙ୍କ ସମୟରେ ଇ.ଭି.ଏମ୍. ବ୍ୟବସ୍ଥା ଲାଗୁ କରାଯାଇଛି । ନିର୍ବାଚନ ପ୍ରକ୍ରିୟାକୁ ସ୍ୱଚ୍ଛ ଏବଂ ପାରଦର୍ଶୀ କରିବା ଲାଗି ନିର୍ବାଚନ ଆୟୋଗ ବିଭିନ୍ନ ପଦକ୍ଷେପ ନେଉଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଦେଶର ମହିଳା, ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକଙ୍କ ପାଇଁ ଅନେକ ଯୋଜନା ପ୍ରଣୟନ କରିଛନ୍ତି ବୋଲି ଶ୍ରୀ ଅଠାଓ୍ୱାଲେ କହିଛନ୍ତି । ସୁଗମ୍ୟ ଭାରତ ଅଭିଯାନରେ ଦିବ୍ୟାଙ୍ଗମାନଙ୍କୁ ୧୬ ହଜାରରୁ ଊର୍ଦ୍ଧ୍ୱ ସାଇକେଲ ଏବଂ ସହାୟତା ଉପକରଣ ଯୋଗାଇ ଦିଆଯାଇଛି । ଦିବ୍ୟାଙ୍ଗଙ୍କ ପାଇଁ ସରକାରୀ ଚାକିରୀ ଏବଂ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ସୁବିଧାକୁ ୩ରୁ ୪ ପ୍ରତିଶତକୁ ବୃଦ୍ଧି କରାଯାଇଛି । ମହିଳାମାନଙ୍କ ପାଇଁ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଉଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

Desk

# ଶୀତ ଅଧିବେଶନ

ସଂସଦର ଶୀତକାଳିନ ଅଧିବେଶନ ଆସନ୍ତାମାସ ପହିଲାରୁ ଆରମ୍ଭ ହୋଇ ୧୯ତାରିଖ ପର୍ଯ୍ୟନ୍ତ ଚାଲିବ । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ  ସୂଚନା ଦେଇ କହିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୀତକାଳିନ ଅଧିବେଶନ ନେଇ ସରକାରଙ୍କ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ଶ୍ରୀ ରିଜିଜୁ କହିଛନ୍ତି ଅଧିବେଶନ ସମୟରେ ବିଭିନ୍ନ ପ୍ରସଙ୍ଗରେ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ସୁଦୃଢ଼ କରିବା ଏବଂ

ଦେଶବାସୀଙ୍କ ଆଶା, ଆକାଂକ୍ଷା ପୂରଣ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହେବା ନେଇ ସରକାର ଆଶା ରଖିଛନ୍ତି ।

Desk

## ଆକାଶବାଣୀ ସଂଗୀତ ସମ୍ମେଳନ

ଆକାଶବାଣୀ ପକ୍ଷରୁ ୬୭ତମ ସଙ୍ଗୀତ ସମ୍ମେଳନ ଆଜି ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଛି। ପ୍ରସାରଭାରତୀ ଏବଂ କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀ ଯୋଗ ଦେଇଛନ୍ତି। ବଂଶୀବାଦକ ପ୍ରଦୀପ୍ତ ଶେଖର ମହାପାତ୍ର, ତବଲା ସହଯୋଗିତାରେ ବିଶ୍ୱରଞ୍ଜନ ନନ୍ଦ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିବେ। ଲଘୁ ସଂଗୀତରେ ଡକ୍ଟର ନାଜିଆ ସୟିଦ୍ ଓ ସନ୍ତୋଷୀ ପ୍ରସାଦ ମିଶ୍ର ସଂଗୀତ ପରବେଷଣ କରୁଛନ୍ତି।

Nuapada

## ନୂଆପଡ଼ା ଉପନିର୍ବାଚନ

ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ପ୍ରଚାର କାର୍ଯ୍ୟର ଆସନ୍ତାକାଲି ଶେଷ ଦିନ। ତିନି ପ୍ରମୁଖ ରାଜନୈତିକ ଦଳ ପକ୍ଷରୁ ପ୍ରଚାର ଅଭିଯାନ ଜାରି ରହିଛି। ବିଜେପି ଦଳର ବରିଷ୍ଠ ନେତା ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ନୂଆପଡ଼ାରେ ଦଳୀୟ ପ୍ରାର୍ଥୀ ଜୟ ଢୋଲକିଆଙ୍କ ପାଇଁ ପ୍ରଚାର କରିଛନ୍ତି। ନୂଆପଡ଼ାରୁ ଖରିଆର ରୋଡ଼ ପର୍ଯ୍ୟନ୍ତ ରୋଡ୍ ସୋ'ରେ ମୁଖ୍ୟମନ୍ତ୍ରୀଙ୍କ ସମେତ ସାଂସଦ ମାଳବିକା

ଦେବୀ, ମନ୍ତ୍ରୀ ସୁରେଶ ପୂଜାରୀ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ବସନ୍ତ ପଣ୍ଡା ପ୍ରମୁଖ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଜି ସୁନାବେଢ଼ା ଅଭୟାରଣ୍ୟ ଗସ୍ତ କରି ସେଠାରେ ଜନସାଧାରଣଙ୍କ ବିଭିନ୍ନ ଅସୁବିଧା ସମ୍ପର୍କରେ ପଚାରି ବୁଝିଛନ୍ତି।

ବି.ଜେ.ଡି. ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ କୋମନାଠାରେ ପ୍ରଚାର କରିଛନ୍ତି। କଂଗ୍ରେସ ପକ୍ଷରୁ ଦଳୀୟ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ ହୋଇଯାଇଛି।

ଆସନ୍ତାକାଲି ଅପରାହ୍ଣ ୪ଟାରୁ ପ୍ରଚାର କାର୍ଯ୍ୟକୁ ବନ୍ଦ କରିବା ପାଇଁ ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। କଟକଣା ୧୧ ତାରିଖ ସନ୍ଧ୍ୟାଯାଏଁ ବଳବତ୍ତର ରହିବ। ଏହି ୪୮ ଘଣ୍ଟା ଅବଧି ମଧ୍ୟରେ ସମସ୍ତ ପ୍ରାର୍ଥୀ, ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ପ୍ରଚାର, ସଭା, ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ ଉପରେ ମଧ୍ୟ ନିଷେଧାଦେଶ ଜାରି କରାଯାଇଛି। ସେହିଭଳି ଗଣମାଧ୍ୟମ ପ୍ରସାରଣ ଟେଲିଭିଜନ ଓ ଡିଜିଟାଲ ପ୍ଲାଟଫର୍ମରେ ରାଜନୈତିକ ବିଜ୍ଞାପନ ଉପରେ ମଧ୍ୟ କଟକଣା ଲାଗୁ କରାଯାଇଛି। ମୁକ୍ତ, ଅବାଧ ଓ ଶାନ୍ତିଶୃଙ୍ଖଳାର ସହ ଉପନିର୍ବାଚନ ଶେଷ ପାଇଁ ପୁଲିସ୍ ଓ କେନ୍ଦ୍ରୀୟ ସଶସ୍ତ୍ର ବଳକୁ ନିୟୋଜିତ କରାଯାଇଛି।

ନୂଆପଡ଼ା ବିଧାନସଭା ଉପନିର୍ବାଚନପାଇଁ ଆସନ୍ତା ୧୧ ତାରିଖରେ ଭୋଟ୍‌ଗ୍ରହଣ କରାଯିବ। ୧୪ ତାରିଖରେ ଭୋଟ୍ ଗଣତି ସହ ଫଳାଫଳ ପ୍ରକାଶ ପାଇବ।

Deogarh/Nayagarh

## ସାଇବର ସୁରକ୍ଷା ରଥ

ନୟାଗଡ଼ ଜିଲ୍ଲା ପୁଲିସ ଟ୍ରେନିଂ ପରିସରରେ ସାଇବର ସୁରକ୍ଷା ରଥକୁ ଆରକ୍ଷୀ ଅଧୀକ୍ଷକ ଏସ୍.ସୁଶ୍ରୀ ଉଦ୍‌ଘାଟନ କରିଛନ୍ତି। ଏହି ରଥ ଜିଲ୍ଲାର ସମସ୍ତ ଥାନା ଅଞ୍ଚଳ, ପରିଭ୍ରମଣ କରିବା ସହ ଯୁବ ପିଢ଼ି, ଛାତ୍ରଛାତ୍ରୀମାନଙ୍କୁ ସାଇବର ଅପରାଧ ସମ୍ପର୍କରେ ସଚେତନ କରାଇବ। ବିଭିନ୍ନ ଅର୍ଥ କାରବାର ସମୟରେ ସତର୍କତା, ଅନଲାଇନ୍ ସପିଂ ଓ ମିଥ୍ୟା ନିଯୁକ୍ତି ଠକେଇରୁ ବର୍ତ୍ତିବା ପାଇଁ ଏହି ଅଭିଯାନ ଆରମ୍ଭ କରାଯାଇଛି। ସଚେତନତା ହିଁ ସାଇବର ଅପରାଧ ରୋକିବାର ମୁଖ୍ୟ ଅସ୍ତ୍ର ବୋଲି ଆରକ୍ଷୀ ଅଧୀକ୍ଷକ ମତବ୍ୟକ୍ତ କରିଛନ୍ତି। ସାଇବର ଅପରାଧ ସମ୍ପର୍କିତ ଅଭିଯୋଗ ପାଇଁ ୧୯୩୦ ନମ୍ବରରେ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି।

ଦେବଗଡ଼ ଜିଲ୍ଲା ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟଠାରେ ସାଇବର ସୁରକ୍ଷା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅନୀଲ କୁମାର ମିଶ୍ର କାର୍ଯ୍ୟକ୍ରମରେ  ଯୋଗଦେଇ ସାଇବର ଅପରାଧ ରୋକିବା ପାଇଁ ସମାଜର ସବୁ ସ୍ତରରେ ସଚେତନତା ଆବଶ୍ୟକ ବୋଲି କହିଥିଲେ।

Gajapati/Rayagarh

## ଏକତା ପଦଯାତ୍ରା

ରାୟଗଡ଼ାସ୍ଥିତ ମହାତ୍ମା ଗାନ୍ଧୀ ପ୍ରମୋଦ ଉଦ୍ୟାନରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ଏକତା ପଦଯାତ୍ରାର ଶୁଭାରମ୍ଭ କରିଛନ୍ତି। ଜିଲ୍ଲା ସଂସ୍କୃତି ଭବନ, ମହିଳା ମହାବିଦ୍ୟାଳୟଠାରେ ମଧ୍ୟ ଏହି ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କୋରାପୁଟ ସାଂସଦ ସପ୍ତଗିରୀ ଶଙ୍କର ଉଲାକା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

ଗଜପତି ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ଏକତା ଦିବସ  ପଦଯାତ୍ରାକୁ ବ୍ରହ୍ମପୁର ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀ ଉଦ୍‌ଘାଟନ କରିଛନ୍ତି। ସ୍ଥାନୀୟ ଷ୍ଟାଡିୟମ୍‌ଠାରୁ ପଦଯାତ୍ରା ବାହାରି କଲେଜ ଛକ ପର୍ଯ୍ୟନ୍ତ  ଯାଇଥିଲା। ପଦଯାତ୍ରାରେ ସହରର ସମସ୍ତ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ, ବିଭିନ୍ନ ରାଜନୈତିକ ଦଳର ବ୍ୟକ୍ତିବିଶେଷଙ୍କ ସମେତ ଜନସାଧାରଣ ଅଂଶଗ୍ରହଣ କରିଥିଲେ।

Gajapati/Boudh/Nayagarh

## ମାଣ୍ଡିଆ ଦିବସ

ନୟାଗଡ଼ ବ୍ଲକ ସମ୍ମିଳନୀ କକ୍ଷଠାରେ ଜିଲ୍ଲା କୃଷି ବିଭାଗ ପକ୍ଷରୁ ମାଣ୍ଡିଆ ଦିବସ ଖାଦ୍ୟ, ମେଳା ଓ ପ୍ରଦର୍ଶନୀ ଆଜି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଏଥିରେ ଯୋଗଦେଇ ବିଭିନ୍ନ ବ୍ଲକରୁ ଆସିଥିବା ଶ୍ରେଷ୍ଠ ମାଣ୍ଡିଆ ଚାଷୀ ମାଣ୍ଡିଆ ଚାଷ ସହ ସମ୍ପୃକ୍ତ ଶ୍ରେଷ୍ଠ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, କୃଷକ ଉତ୍ପାଦକ ଗୋଷ୍ଠୀ ଓ ସହଯୋଗୀ ସଂସ୍ଥାମାନଙ୍କୁ ସମ୍ମାନିତ କରିଥିଲେ।

ବୌଦ୍ଧ ମାଉସୀମା ମନ୍ଦିରଠାରେ ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ପାଳିତ ହୋଇଯାଇଛି। କୃଷି, ଐତିହ୍ୟ ଓ ଜୈବବିବିଧତା ସଂରକ୍ଷଣରେ ମହିଳାଙ୍କ ଭୂମିକା ବିଷୟବସ୍ତୁ ଆଧାରିତ ମାଣ୍ଡିଆ ଦିବସରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ମାଣ୍ଡିଆ ବିଭିନ୍ନ ଶସ୍ୟ, ପାରମ୍ପରିକ ଖାଦ୍ୟ ପଦାର୍ଥର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା।

ଗଜପତି ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ତଥା ଶ୍ରୀଅନ୍ନ ଓ ଖାଦ୍ୟ ମେଳା ପ୍ରଦର୍ଶନ ପାରଳାଖେମୁଣ୍ଡିସ୍ଥିତ ଗଜପତି ଷ୍ଟାଡିୟମ୍‌ରେ ପାଳିତ ହୋଇଯାଇଛି। ବ୍ରହ୍ମପୁର ସାଂସଦ ଡକ୍ଟର ପ୍ରଦୀପ କୁମାର ପାଣିଗ୍ରାହୀ, ମୋହନା ବିଧାୟକ ଦାଶରଥୀ ଗମାଙ୍ଗ କାର୍ଯ୍ୟକ୍ରମରେ ଯୋଗଦେଇ ମାଣ୍ଡିଆ ଚାଷ କରି ଜୀବିକା ଉପାର୍ଜନ କରିବା ସହିତ ପଞ୍ଚାୟତସ୍ତରରେ ମାଣ୍ଡିଆ ଚାଷ କରିବା ଦ୍ୱାରା ଚାଷୀମାନେ ଲାଭାନ୍ୱିତ ହୋଇପାରିଛନ୍ତି ବୋଲି କହିଛନ୍ତି।

Sambalpur

## ସନ୍ତରଣ ପ୍ରତିଯୋଗିତା

ସମ୍ବଲପୁରଠାରେ ୬୯ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ସନ୍ତରଣ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଡକ୍ଟର ଝସକେତନ ସାହୁ ସନ୍ତରଣଗାରରେ ଅନୁଷ୍ଠିତ ପ୍ରତିଯୋଗିତାରେ ୧୪ ଓ ୧୭ ବର୍ଷରୁ କମ୍ ବାଳକ ଓ ବାଳିକା ଭାଗ ନେଇଥିଲେ। ଚାରୋଟି ବର୍ଗରେ ଭୁବନେଶ୍ୱରର ଖେଳାଳିମାନେ ଦଳଗତ ଚାମ୍ପିଅନ ହୋଇଛନ୍ତି।

Boudh

## ହକି ଖେଳ ଶତବାର୍ଷିକୀ

ବୌଦ୍ଧ ଜିଲ୍ଲା ଷ୍ଟାଡିୟମ୍‌ଠାରେ ଭାରତୀୟ ହକି ଖେଳର ଶତବାର୍ଷିକୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବୌଦ୍ଧ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଯୋଗଦେଇ ହକି ଖେଳ ଓ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।

Kandhamal/Boudh/Jajpur

## ଶିଶୁ ମହୋତ୍ସବ ସୁରଭୀ

ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଅନ୍ତର୍ଗତ ରାମଲକ୍ଷ୍ମଣ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭୀ-୨୦୨୫ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୩୧ଟି ପ୍ରତିଯୋଗିତାରେ ଜିଲ୍ଲାର ୧୦ଟି ବ୍ଲକରୁ ୩୫୭ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଏହି ଅବସରରେ ଜିଲ୍ଲାପାଳ ଅମ୍ବର କୁମାର କର ପୁରସ୍କୃତ କରିଥିଲେ ।

ବୌଦ୍ଧ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭୀ ସ୍ଥାନୀୟ ଟାଉନହଲଠାରେ ଅନୁଷ୍ଠିତ ହୋଇଯାଇଛି । କନ୍ଧମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ କାର୍ଯ୍ୟକ୍ରମରେ ଯୋଗଦେଇ ଶିଶୁମାନଙ୍କ ଅର୍ନ୍ତନିହିତ ପ୍ରତିଭାର ବିକାଶ କରିବା ଲାଗି ପ୍ରକୃଷ୍ଟ ମଞ୍ଚ ସୁରଭି ବୋଲି କହିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଲିଖିତ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ସାମୂହିକ ଗାନ ଅନୁଷ୍ଠିତ ହୋଇଥିଲା ।

ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ଶ୍ରୀଅନ୍ନ ଅଭିଯାନ  କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ୧୨ଟି ବ୍ଲକର ପ୍ରାୟ ୩୧ଟି ଦଳ ସୁରଭି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

Desk

## ପାଣିପାଗ

ରାଜ୍ୟକୁ ଉତ୍ତର ଦିଗରୁ ଶୁଖିଲା ଥଣ୍ଡା ପବନ ପ୍ରବେଶ  କରୁଥିବାରୁ ଆସନ୍ତା ୩ ରୁ ୪ ଦିନ ମଧ୍ୟରେ ରାତିର ସର୍ବନିମ୍ନ ତାପମାତ୍ରା ୩ ରୁ ୪ ଡିଗ୍ରୀ ହ୍ରାସ ପାଇବାର ସମ୍ଭାବନା ଅଛି ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ରାଜ୍ୟର ଆଭ୍ୟନ୍ତରୀଣ ସମେତ ପଶ୍ଚିମ ଭାଗର କେତେକ ସ୍ଥାନରେ କୁହୁଡି ପରିଲକ୍ଷିତ ହୋଇଛି । ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ।